# ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଓ ପୂର୍ଣ୍ଣ ସ୍ୱରାଜ

ପ୍ରହଲାଦ କୁମାର ସିଂହ



ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ, କାରାବରଣ ଓ ନିରନ୍ତର ସଂଘର୍ଷର ପୃଷ୍ଠଭୂମିରେ ୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେଲା । ବ୍ରିଟିଶର ୟୁନିଅନ ଜ୍ୟାକ ଅବନମିତ ହୋଇ ଜାତିର ପ୍ରତୀକ ଜାତୀୟ ପତାକା ତ୍ରିରଙ୍ଗା ସେଦିନ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଫରଫର ହୋଇ ଉଡ଼ିଲା । ସାରା ଦେଶ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ସ୍ୱାଧୀନତା ସଂଗ୍ରାମର ସଫଳ ସେନାପତି ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ କିନ୍ତୁ ରକ୍ତସ୍ନାତ କଲିକତାର ଦଙ୍ଗା ବିଧ୍ୱସ୍ତ ବେଲିଆଘାଟ ଅଞ୍ଚଳରେ ଥିବା ପରିତ୍ୟକ୍ତ ହାଇଦରୀ ଭବନରେ ଗଭୀର ମନସ୍ତାପ ଭିତରେ ଉପବାସ ଓ ସୂତାକଟା ସହ ସେଦିନ ଅନ୍ଧାରୀ କୋଠରିରେ କାଟିଥିଲେ ବିନିଦ୍ର ରଜନୀ । ଏହା ପୂର୍ବରୁ ଗାନ୍ଧିଜୀ କହିଥିଲେ ଯେ ୧୫ ଅଗଷ୍ଟରେ ଯେଉଁ ସ୍ୱାଧୀନତା ଦେଶ ବିଭାଜନ କରି ଆସୁଛି ତାହା ତାଙ୍କର କିମ୍ବା ଭାରତବାସୀଙ୍କ ଇପ୍‌ସିତ ସ୍ୱାଧୀନତା ନୁହେଁ । ପୂର୍ଣ୍ଣ ସ୍ୱାଧୀନତା ହାସଲ ପାଇଁ ପୁଣି ଲମ୍ବା ଲଢ଼େଇର ଆବଶ୍ୟକତା ଅଛି ବୋଲି ଗାନ୍ଧିଜୀ ସ୍ୱାଧୀନତା ପୂର୍ବରୁ ଓ ପରେ ବାରମ୍ବାର ଚେତାଇ ଦେଇଛନ୍ତି । କ'ଣ ଥିଲା ଗାନ୍ଧିଜୀଙ୍କର ଇପ୍‌ସିତ ସ୍ୱାଧୀନତା ଓ କାହିଁକି ସେ ବ୍ରିଟିଶ ଯିବା ପରେ ବି ପୁଣି ସତ୍ୟାଗ୍ରହ ସଂଗ୍ରାମ ପାଇଁ ପ୍ରସ୍ତୁତ ହେଉଥିଲେ, ତାହା ଏବେ ବେଶ୍ ପ୍ରାସଙ୍ଗିକ ।

ଲୋକମାନ୍ୟ ବାଳ ଗଙ୍ଗାଧର ତିଲକ କହିଥିଲେ, 'ସ୍ୱରାଜ ମୋର ଜନ୍ମଗତ ଅଧିକାର ଏବଂ ତାହା ମୁଁ ନିଶ୍ଚୟ ହାସଲ କରିବି ।' ୧୯୨୦ ଅଗଷ୍ଟ ପହିଲାରେ ତିଲକଙ୍କ ଶବାଧାର ନିକଟରେ ଗାନ୍ଧିଜୀ କୋଟିଏ ଟଙ୍କାର ତିଲକ

ସ୍ୱରାଜ ପାର୍ଟି ଗଠନ ପାଇଁ ଘୋଷଣା କରିବା ସହ ସ୍ୱରାଜ୍ୟ ସଂଗ୍ରାମକୁ ଏକ ଭିନ୍ନ ମୋଡ଼ ଦେଲେ । ସେ କହିଥିଲେ ସ୍ୱରାଜ ଏକ ପବିତ୍ର ବୈଦିକ ଶବ୍ଦ । ଏହାର ଅର୍ଥ ନିଜ ଉପରେ ନିଜେ ରାଜୁତି କରିବା । ଏହା ସ୍ୱେଚ୍ଛାଚାରିତା ନୁହେଁ ବରଂ ଆତ୍ମସୁପରିଚାଳନାର ଏକ ସହଜ ଓ ସରଳ ମାର୍ଗ । ଶରୀର, ମନ, ବୁଦ୍ଧି, ବିଚାର ଓ ବିବେକ ଉପରେ ଅବିନାଶୀ ଆତ୍ମାର ନିୟନ୍ତ୍ରଣ ହେଉଛି ସ୍ୱରାଜର ଅନ୍ୟ ନାମ । କେବଳ ବାଧା ବନ୍ଧନ କିମ୍ବା ବିଦେଶୀ ଶାସନରୁ ମୁକ୍ତିକୁ ସ୍ୱରାଜ କୁହାଯିବା ସମୀଚୀନ ନୁହେଁ । ଅଳ୍ପ କେତେକ ଲୋକଙ୍କ କ୍ଷମତାପ୍ରାପ୍ତି ବି ସ୍ୱରାଜ ନୁହେଁ । ସ୍ୱରାଜରେ ସମସ୍ତେ କ୍ଷମତାପ୍ରାପ୍ତ ହେବା ଦରକାର, ଆଉ ସେ କ୍ଷମତା ଆତ୍ମବିକାଶ ସହିତ ସାମାଜିକ, ରାଷ୍ଟ୍ରୀୟ ଓ ସମଗ୍ର ମାନବ ସମାଜର ହିତ ପାଇଁ ଶୃଙ୍ଖଳିତ ଭାବେ ବିନିଯୋଗ କରାଯିବା ଆବଶ୍ୟକ । ସ୍ୱରାଜ ହେଉଛି ଏଭଳି ଏକ ପବିତ୍ର ମଞ୍ଚ ଯେଉଁଠି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଧନୀ, ଗରିବ ନିର୍ବିଶେଷରେ ସମସ୍ତେ ନିଜ ନିଜର ମାନସିକ ଓ ଶାରୀରିକ ଶ୍ରମ ସ୍ୱେଚ୍ଛାକୃତ ଭାବେ ସମର୍ପଣ କରିଥାନ୍ତି ।

ମହାତ୍ମାଙ୍କ ମତରେ ଲୌକିକ ସ୍ୱାଧୀନତାକୁ ସ୍ୱରାଜ କହିବା ସମୀଚୀନ ନୁହେଁ । ବିଦେଶୀ ଶାସନର ଅପସାରଣ ପାଇଁ ସ୍ୱାଧୀନତା ହିଁ ଦରକାର । କିନ୍ତୁ ଭାରତରୁ ଇଂରେଜମାନେ ଚାଲିଗଲେ ଯେ ଆମେ ସ୍ୱାଧୀନ ହୋଇଗଲୁ ତାହା ଭାବିବା ଭୁଲ୍ । ଭାରତର ଆତ୍ମା ଗାଁରେ ରହିଛି । ତେଣୁ ଯେତେବେଳେ ପ୍ରତ୍ୟେକ ସ୍ୱାବଲମ୍ବୀ ଗ୍ରାମବାସୀ ବୁଝିବେ ଯେ ସେମାନେ ହେଉଛନ୍ତି ନିଜ ଭାଗ୍ୟ ନିୟନ୍ତା ଓ ଠିକଣା ପ୍ରତିନିଧି ବାଛି ନିଜେ ନିଜକୁ ଶାସନ କରିବା କ୍ଷେତ୍ରରେ ଯୋଗ୍ୟ, ସେତେବେଳେ ସ୍ୱାଧୀନତା ଆସିବ । ଆଉ ଏଭଳି ସ୍ୱାଧୀନତାରେ ପ୍ରତ୍ୟେକ ଲୋକ ଅନୁଭବ କରିବେ, 'ଆମ ଗାଁରେ ଆମେ ସରକାର, ଦିଲ୍ଲୀରେ ଆମ ସରକାର' । ଏହି ସ୍ୱାଧୀନତାରେ ରାଷ୍ଟ୍ରମୁଖ୍ୟଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ପ୍ରତିନିଧି, ସବୁ ପାହ୍ୟାର ବେତନଭୋଗୀ କର୍ମଚାରୀ ଓ ଲୋକସେବକମାନେ ରାଷ୍ଟ୍ର, ରାଜ୍ୟ ବା ସେମାନଙ୍କ ଇଲାକାର ମାଲିକ ନୁହଁନ୍ତି, ଜନସାଧାରଣଙ୍କ ସେବକ ବୋଲି ଅନୁଭବ କରିବେ । କାରଣ ସ୍ୱାଧୀନ ଭାରତର ସରକାର ହେବ ଜନସାଧାରଣଙ୍କ ମାଲିକାନାର ଏକ ଟ୍ରଷ୍ଟ ବୋର୍ଡ । ଆଉ ସରକାରର ବିଭିନ୍ନ ସ୍ଥାନରେ ନିୟୋଜିତ ଲୋକ ପ୍ରତିନିଧି ଓ କର୍ମଚାରୀମାନେ ମାଲିକ ନୁହେଁ, ଟ୍ରଷ୍ଟି ଭାବେ ସେମାନଙ୍କ କର୍ତ୍ତବ୍ୟ ସତ୍ୟ, ଅହିଂସା ଆଧାରରେ ସମାପନ କରିବେ । ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ଫରକ ନଥିବ । ସତ୍ ଚିନ୍ତା, ସତ୍ କର୍ମ ଓ ସତ୍ୟ ବଚନକୁ ଆଧାର କରି ହିଁ ଦେଶକୁ ସଫଳତାର ଶୀର୍ଷକୁ ନିଆଯାଇପାରିବ ।

ସ୍ୱାଧୀନତା ସଂଗ୍ରାମ ସମୟରେ ସ୍ୱରାଜ୍ୟର ସଂଜ୍ଞା ନିରୂପଣ କରାଯାଇ କୁହାଯାଇଥିଲା ଯେ ସ୍ୱରାଜ୍ୟରେ ସାଧାରଣ ଲୋକଙ୍କ ହାତରେ ଶାସନର ଡୋରି ରହିବ ଏବଂ ସାର୍ବଭୌମତ୍ୱ, ପ୍ରତିରକ୍ଷା, ଆଇନ, ଆର୍ଥିକ ବ୍ୟବସ୍ଥା, ଆମଦାନୀ ଓ ରପ୍ତାନି ଆଦି ଉପରେ ରାଷ୍ଟ୍ରର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ । ଖାଦ୍ୟ, ବସ୍ତ୍ର ଓ ବାସଗୃହର ସମସ୍ୟା ନଥିବ । ନିଜ ଇଚ୍ଛା ବିରୁଦ୍ଧରେ ଜଣେ ହେଲେ ବି କେହି ଫୁଙ୍ଗୁଳା କିମ୍ବା ଭୋକିଲା ରହିବେ ନାହିଁ । ସ୍ୱାଧୀନ ଭାରତର ଲୋକେ ଏଭଳି ସୁରୁଚି ସମ୍ପନ୍ନ ହେବେ ଏବଂ ଏଠାକାର ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଏତେ ଉନ୍ନତ ହେବ ଯେ ରାତି ଅଧରେ ବି ଜଣେ ଯୁବତୀ କୌଣସି ସ୍ଥାନକୁ ଯାଇ ନିରାପଦରେ ଫେରିଆସିପାରିବ । ସ୍ୱରାଜ ହେବ ସର୍ବଧର୍ମ ସମନ୍ୱୟର ମଞ୍ଚ, ଏଠାରେ ଅସ୍ପୃଶ୍ୟତା ବୋଲି କିଛି ରହିବ ନାହିଁ । ପ୍ରତ୍ୟେକ ଗାଁ ସବୁ କ୍ଷେତ୍ରରେ ସ୍ୱାବଲମ୍ବୀ ହେବ । ଧନୀ ଦରିଦ୍ରକୁ ଶୋଷଣ କରୁନଥିବ । ସ୍ୱାଧୀନ ଦେଶରେ ନିଶା ସମ୍ପୂର୍ଣ୍ଣ ଭାବେ ନିବାରିତ ହେବ । ନାରୀ ଓ ପୁରୁଷ ମଧ୍ୟରେ ସମାନ ଅଧିକାର ରହିବ । ପ୍ରତ୍ୟେକ ଲୋକଙ୍କ ପାଇଁ କାମ ଥିବ । ଦେଶର ସର୍ବୋଚ୍ଚ କର୍ତ୍ତା ଓ ସର୍ବନିମ୍ନ କର୍ମଚାରୀଙ୍କ ରୋଜଗାରରେ ଆକାଶ ପାତାଳ ଫରକ ରହିବ ନାହିଁ । ସବୁ ନାଗରିକ ଆଇନ୍ ମାନି ଚଳିବେ । ପୁଣି ଗାନ୍ଧିଜୀ କହିଲେ ଯେ ଦେଶର ୭ ଲକ୍ଷ ଗାଁ ହେବ ୭ ଲକ୍ଷ ରିପବ୍ଲିକ୍ । ଭାରତର ଆତ୍ମା ଗାଁରେ ରହିଛି, ସହରର ଚାକଚକ୍ୟରେ ନୁହେଁ । ସ୍ୱରାଜରେ ଗାଁଗୁଡ଼ିକ ଏଭଳି ସ୍ୱାବଲମ୍ବୀ ହେବେ ଯେ ସେମାନଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ନିଜ ଗାଁରେ ନିଜେ ଉତ୍ପାଦନ କରିବା ସହ

ପଡ଼ୋଶୀ ଗାଁକୁ ଆବଶ୍ୟକ ସ୍ଥଳେ ସହାୟତା ଦେବେ । ମାଲି ମୋକଦ୍ଦମାରେ ନ ମାତି ମନୋମାଳିନ୍ୟ ଓ ବାଦବିବାଦ ଗାଁ ସ୍ତରରେ ହିଁ ତୁଟିବ । ଯଦି ସ୍ୱାଧୀନ ଭାରତରେ ଲୋକେ ଖାଇବାକୁ ନ ପାଇ ହା ଅନ୍ନ ଚିତ୍କାର କରିବେ, ଚିକିତ୍ସା ନ ପାଇ ମରିବେ, ପାଠ ପଢ଼ିବାର ସୁଯୋଗ ପାଇବେ ନାହିଁ, ପ୍ରତି ସବଳ ହାତକୁ କାମ ମିଳିବ ନାହିଁ, ଲୋକମାନଙ୍କ ଧନ ଜୀବନ ବିପନ୍ନ ହେବ, ମହିଳାମାନେ ସ୍ନେହ ସମ୍ମାନ ପାଇବା ପରିବର୍ତ୍ତେ ନିର୍ଯାତିତା ହେବେ, ତା'ହେଲେ ସାଧାରଣ ଲୋକଙ୍କ ପାଇଁ ସ୍ୱାଧୀନତାର ଅର୍ଥ ମୂଲ୍ୟହୀନ ହେବ ।

ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଦିବସ ଭାବେ ୧୯୪୭ ମସିହାରୁ ଆମେ ପାଳନ କରିଆସୁଛୁ । କିନ୍ତୁ ଏହାର ୧୭ ବର୍ଷ ପୂର୍ବରୁ ଜାନୁଆରୀ ୨୬କୁ ପୂର୍ଣ୍ଣ ସ୍ୱରାଜ ଦିବସ ଭାବେ ୧୯୩୦ ମସିହାରେ ପ୍ରାକ୍ ସ୍ୱାଧୀନତା କାଳରେ ପାଳନ କରାଯାଉଥିଲା । ଲାହୋର କଂଗ୍ରେସ ଅଧିବେଶନର ନିଷ୍ପତ୍ତି ଅନୁଯାୟୀ ଲୋକେ ଦେଶର ବିଭିନ୍ନ ଅଞ୍ଚଳରେ ଜାନୁଆରୀ ୨୬ରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇ ପୂର୍ଣ୍ଣ ସ୍ୱରାଜର ଶପଥ ନେଉଥିଲେ । ଏଥିରେ ସେତେବେଳେ ଦେଶରେ ଚାଲୁଥିବା ସୈତାନୀ ଶାସନ ବ୍ୟବସ୍ଥାର ଅବସାନ ପାଇଁ ଶପଥ ନିଆଯାଉଥିଲା । ନିଜେ ଗାନ୍ଧିଜୀ ଦେଶବାସୀଙ୍କ ପାଇଁ ପୂର୍ଣ୍ଣ ସ୍ୱରାଜର ଶପଥପତ୍ର ତିଆରି କରିଥିଲେ । ଇତିହାସର ଏହି ଗୌରବାବହ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସ୍ୱାଧୀନତା ପରେ ଆମ ଦେଶର ସମ୍ବିଧାନକୁ ୧୯୫୦ ମସିହାର ଜାନୁଆରୀ ୨୬ ତାରିଖରେ ଲାଗୁ କରାଗଲା । ତା'ପରଠାରୁ ଅଗଷ୍ଟ ୧୫ ଭଳି ଜାନୁଆରୀ ୨୬କୁ ଆମେ ଜାତୀୟ ଦିବସ ଭାବେ ପାଳନ କରିଆସୁଛୁ ।

କେତେକ ଆଶଙ୍କା ବ୍ୟକ୍ତ କରନ୍ତି ଯେ ଭାରତୀୟ ସ୍ୱରାଜ ମୁଖ୍ୟତଃ ହିନ୍ଦୁ ସମ୍ପ୍ରଦାୟ ଦ୍ୱାରା ଶାସିତ ହେବ । ଏହି ଉକ୍ତିଠାରୁ ଦୁନିଆରେ ଆଉ ବଡ଼ ଭୁଲ୍ କିଛି ନାହିଁ ବୋଲି ଉଲ୍ଲେଖ କରି ଗାନ୍ଧିଜୀ କହିଥିଲେ ଯେ ଯଦି ଏଭଳି ହୁଏ, ତା'ହେଲେ ଏହାକୁ ସେ ସ୍ୱରାଜ ଭାବେ ଗ୍ରହଣ କରିପାରିବେ ନାହିଁ । ବରଂ ତାଙ୍କର ସମସ୍ତ ଶକ୍ତି ଖଟାଇ ଏହାର ବିରୋଧ କରିବେ । କାରଣ ସ୍ୱରାଜ ପରିଚାଳନାରେ ସମସ୍ତଙ୍କର ସମାନ ଅଧିକାର ରହିବ । ସତ୍ୟ ଓ ନ୍ୟାୟର ରାଜତ୍ୱ ହିଁ ଏଠାରେ ସ୍ୱୀକାର୍ଯ୍ୟ । ତେଣୁ ସବୁ ସମ୍ପ୍ରଦାୟ, ଧର୍ମ, ଜାତି ଆଦି ପାଇଁ ସ୍ୱରାଜ ପରିଚାଳନା ଦ୍ୱାର ସଦାସର୍ବଦା ଖୋଲା । ସତ୍ୟ ଓ ଅହିଂସା ସ୍ୱରାଜର ଜାଗ୍ରତ ପ୍ରହରୀ । ଦରିଦ୍ରତମ ଲୋକମାନେ ପୂର୍ଣ୍ଣ ପ୍ରାଣରେ ସ୍ୱରାଜର ସୁବିଧା ସୁଯୋଗ ଅନୁଭବ କରି ଉପରକୁ ଉଠିବେ । ନହେଲେ ଏହାକୁ ପୂର୍ଣ୍ଣ ସ୍ୱରାଜ କୁହାଯାଇପାରିବ ନାହିଁ, ଅର୍ଥାତ୍ ଆମେ ଯେଉଁ ରାମ ରାଜ୍ୟର ସ୍ୱପ୍ନ ଦେଖୁଛେ, ତାହା ବିଫଳ ହୋଇଯିବ ।

ସ୍ୱରାଜକୁ ଯେଉଁମାନେ ପରିପୁଷ୍ଟ କରିବେ ସେମାନେ ଅନ୍ତତଃପକ୍ଷେ ୭ଟି ସାମାଜିକ ପାପଠାରୁ ଦୂରେଇ ରହିବେ ବୋଲି ଗାନ୍ଧିଜୀ ଚେତାଇ ଦେଇଥିଲେ । ଏହି ପାପଗୁଡ଼ିକ ହେଲା– 'ନୀତି ବିହୀନ ରାଜନୀତି, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ଚରିତ୍ର ବିହୀନ ଶିକ୍ଷା, ଶ୍ରମ ବିହୀନ ସମ୍ପଦ, ବିବେକ ବିହୀନ ବିଳାସ, ମାନବିକତା ବିହୀନ ବିଜ୍ଞାନ ଓ ତ୍ୟାଗ ବିହୀନ ଉପାସନା'। ସ୍ୱରାଜକୁ ବଳିଷ୍ଠ କରିବା ପାଇଁ ରଚନାତ୍ମକ କାର୍ଯ୍ୟକ୍ରମର ସାର୍ବଜନୀନ ପ୍ରୟୋଗର ଆବଶ୍ୟକତା ଉପରେ ସେ ବାରମ୍ବାର ଗୁରୁତ୍ୱାରୋପ କରୁଥିଲେ । ଏହି ରଚନାତ୍ମକ କାର୍ଯ୍ୟକ୍ରମଗୁଡ଼ିକ ଭିତରେ ନିଶା ନିବାରଣ, ଖଦି ଓ ଗ୍ରାମୋଦ୍ୟୋଗ, ସାମ୍ପ୍ରଦାୟିକ ସଦ୍ଭାବ, ଅସ୍ପୃଶ୍ୟତା ନିବାରଣ, ଗ୍ରାମ ସଫେଇ, ମୌଳିକ ଓ ପ୍ରୌଢ଼ ଶିକ୍ଷା ତଥା ନିରକ୍ଷରତା ଦୂରୀକରଣ, ଆଦିବାସୀ ଓ ହରିଜନଙ୍କ ସେବା, କୁଷ୍ଠ ରୋଗୀଙ୍କ ସେବା, ନାରୀ ଜାତିର ଉତ୍ଥାନ, କୃଷି ଓ କୃଷକର ବିକାଶ, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ବିଜ୍ଞାନ, ଆର୍ଥିକ ସମତା, ସମସ୍ତ ଛାତ୍ରଙ୍କ କଲ୍ୟାଣ, ଶ୍ରମିକମାନଙ୍କର ଉନ୍ନତି ଏବଂ ପ୍ରାଦେଶିକ ଭାଷାର ସମୃଦ୍ଧି ସହିତ ରାଷ୍ଟ୍ର ଭାଷାର ପ୍ରଚାର ପ୍ରସାର ଅନ୍ୟତମ । ଆମ ସମସ୍ତଙ୍କ ପାଇଁ ଗାନ୍ଧିଜୀ ଏକାଦଶ ବ୍ରତ ଦେବା ସହିତ ତାହାର ଅନୁପାଳନ ଉପରେ ଗୁରୁତ୍ୱ ଦେଉଥିଲେ । ଏହି ଏକାଦଶ ବ୍ରତ ହେଲା–

'ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ୍ୟ ଶରୀର ଶ୍ରମ, ଅସ୍ୱାଦ, ସର୍ବତ୍ର ଭୟ ବର୍ଜନ୍ୟ ସର୍ବଧର୍ମ ସମାନତ୍ୱ, ସ୍ୱଦେଶୀ, ସ୍ପର୍ଶଭାବନ୍ୟ ବିନମ୍ର ବ୍ରତ ନିଷ୍ଠାସେ ଯେ ଏକାଦଶ ସେବ୍ୟ ହେଁ ।'

ସେ ଭାରତର ଏକଛତ୍ରବାଦୀ ଶାସକ ହୋଇଥିଲେ ଦେଶ ସୁଧାରିବା ପାଇଁ ପ୍ରଥମେ କେଉଁ କାମ ହାତକୁ ନିଅନ୍ତେ ବୋଲି ପ୍ରଶ୍ନ ହେବାରେ ଗାନ୍ଧିଜୀ କହିଥିଲେ ଯେ ଯଦି ଦିନକ ପାଇଁ ଏ ସୁଯୋଗ ତାଙ୍କ ହାତରେ ଥାଆନ୍ତା ତେବେ ବିନା ନୋଟିସ୍‌ରେ ସାରା ଦେଶର ସବୁ ମଦ ଦୋକାନକୁ ସେ ଆଗେ ବନ୍ଦ କରିଦିଅନ୍ତେ । କାରଣ ମଦ ହେଉଛି ସବୁ ଦୁଷ୍କୃତିର ଜନନୀ । ଚୋରି ଓ ବେଶ୍ୟାବୃତ୍ତିଠାରୁ ମଦ୍ୟପାନ ଅଧିକ ପାପ । ନିଶା ଔଷଧ ଓ ମଦ ହେଉଛନ୍ତି ସୈତାନର ଦୁଇଟି ହାତ । ଦାରିଦ୍ର୍ୟ, ଦୁର୍ଘଟଣା, ହିଂସା, ଅପରାଧ, ରୋଗ, ନିରକ୍ଷରତା, ଆଳସ୍ୟ, ନାରୀ ଓ ଶିଶୁ ନିର୍ଯାତନା, ପାରିବାରିକ ଗଣ୍ଡଗୋଳ, ସାମାଜିକ ଓ ଆର୍ଥିକ ଅସନ୍ତୁଳନ ଏବଂ ନୈତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଅଧପତନର ଅନ୍ୟତମ କାରଣ ହେଉଛି ନିଶା । ଯାହା ମଣିଷକୁ ଏତେ ତଳର ଅମଣିଷ ସ୍ତରକୁ ଖସାଇ ଦିଏ ଯେ ସେ ନିଜ ମା' ଭଉଣୀଙ୍କ ସହ ବି ଖରାପ ଆଚରଣ କରିବସେ । ଲୋକଙ୍କ ବିନାଶର ସାଧନ ସେମାନଙ୍କ ହାତ ପାଆନ୍ତାରେ ଜୁଟାଇବା କୌଣସି ଜନମଙ୍ଗଳକାରୀ ସରକାର କିମ୍ବା ସଭ୍ୟ ସମାଜର କାମ ନୁହେଁ । ତେଣୁ ସ୍ୱାଧୀନ ଭାରତରେ ନିଶା ନିବାରିତ ହେବା ସହ ସରକାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ମଦ ସମେତ ଅନ୍ୟ ନିଶା ବେପାରକୁ ପ୍ରୋତ୍ସାହିତ କରିବେ ନାହିଁ । ଅବକାରୀ ରାଜସ୍ୱକୁ ତ ଆୟର ପନ୍ଥା ଭାବେ ଆଦୌ ଗ୍ରହଣ କରାଯିବ ନାହିଁ ବୋଲି ବାରମ୍ବାର ଗାନ୍ଧିଜୀ ରୋକଠୋକ ଭାବେ କହିଛନ୍ତି । ସ୍ୱାଧୀନତା ଆନ୍ଦୋଳନରେ ତେଣୁ ନିଶା ନିବାରଣ ଅଭିଯାନ ଥିଲା ଏକ ପ୍ରମୁଖ କାର୍ଯ୍ୟକ୍ରମ ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଦେଶ ବିଭାଜନ ସହିତ ଆମେ ଯେଉଁ ସ୍ୱାଧୀନତା ପାଇଛେ ତାହା ଆମ କଳ୍ପିତ ସ୍ୱରାଜର ଏକ ଛୋଟିଆ ଅଂଶ ମାତ୍ର ବୋଲି ଉଲ୍ଲେଖ କରି ଗାନ୍ଧିଜୀ ଜୋର ଦେଇ ବାରମ୍ବାର କହୁଥିଲେ ଯେ ଇଂରେଜଙ୍କ ବଦଳରେ ଭାରତୀୟଙ୍କ ହାତରେ ଶାସନର ଡୋରି ରହିଗଲେ ସାଧାରଣ ଲୋକଙ୍କର ବିଶେଷ ପରିବର୍ତ୍ତନ ହେବ । ଆର୍ଥିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ନୈତିକ ସ୍ୱାଧୀନତା ବିନା ଏହି ରାଜନୈତିକ ସ୍ୱାଧୀନତା ଅର୍ଥହୀନ ହୋଇପଡ଼ିବ । ତେଣୁ ରାଜନୈତିକ ସ୍ୱାଧୀନତା ପ୍ରାପ୍ତି ପରେ ପୁଣି ସଂକଳ୍ପବଦ୍ଧ ହୋଇ ପୂର୍ଣ୍ଣ ସ୍ୱରାଜ ହାସଲ ପାଇଁ ଲୋକେ ସେମାନଙ୍କ ସଂଗ୍ରାମ ଓ ସାଧନା ଜାରି ରଖନ୍ତୁ । ଗୋଟିଏ ରାଷ୍ଟ୍ରର ବିକାଶର ପ୍ରଥମ ପାହାଚ ହେଉଛି ବ୍ୟକ୍ତି । ବ୍ୟକ୍ତି ଜୀବନର ଆର୍ଥିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ନୈତିକ ବିକାଶର ସାମୂହିକ ପରିପ୍ରକାଶ ଘଟିଲେ ସମାଜରେ ଯେଉଁ ଉତ୍ତାଳ ତରଙ୍ଗ ସୃଷ୍ଟି ହେବ ସେଥିରେ ରାଷ୍ଟ୍ରର ସ୍ୱରୂପ ବଦଳିଯିବ ଏବଂ ସତ୍ୟାଗ୍ରହ ଆନ୍ଦୋଳନରେ ଅହିଂସା ଅସ୍ତ୍ରର ସଫଳ ପ୍ରୟୋଗ କରି ଦେଶବାସୀ ଯେଉଁ ସ୍ୱାଧୀନତା ହାସଲ କରିଛନ୍ତି ତାହା ବିଶ୍ୱରେ ଆଦର୍ଶ ସ୍ଥାନୀୟ ହୋଇପାରିବ । ସତ୍ୟାଗ୍ରହ ହେଉଛି ଏମିତି ଏକ ସକାରାତ୍ମକ ଅସ୍ତ୍ର ଯେଉଁଥିରେ ହିଂସା, ଦ୍ୱେଷ, ଘୃଣା, ଭୟ ଓ ପକ୍ଷପାତିତାର ସ୍ଥାନ ନଥାଏ । ସତ୍ୟାଗ୍ରହ ଯୁଦ୍ଧରେ କେହି ବିଜିତ କିମ୍ବା ପରାଜିତ ନଥାନ୍ତି । ଯିଏ ଏହି ଅସ୍ତ୍ର ପ୍ରୟୋଗ କରେ ଏବଂ ଯାହା ଉପରେ ଏହାର ପ୍ରୟୋଗ କରାଯାଏ ସେଥିରେ ଉଭୟଙ୍କର କଲ୍ୟାଣ ହିଁ କଲ୍ୟାଣ ହୁଏ । ସତ୍ୟାଗ୍ରହ ଅହିଂସା ଭୀରୁ ଓ କାପୁରୁଷଙ୍କ ଅସ୍ତ୍ର ନୁହେଁ । ସତ୍ୟର ଧାତୁ ଓ ଅହିଂସାର ଶାଣଦିଆ ଅସ୍ତ୍ର ହେଉଛି ସତ୍ୟାଗ୍ରହ । ସତ୍ୟ ଓ ଅହିଂସାର ବାଣୀ ତାଙ୍କର ସୃଷ୍ଟି ନୁହେଁ ଓ ଏହା ପର୍ବତ ଭଳି କେଉଁ ଅନାଦି ଅନନ୍ତ କାଳରୁ ଚଳି ଆସିଥିବା ଶୁଦ୍ଧ ବିଚାର ବୋଲି ସେ କହିଥିଲେ ।

ବ୍ୟବସ୍ଥା ସଭାରେ ଗୃହୀତ ସିଦ୍ଧାନ୍ତ ଆମକୁ ସାମ୍ବିଧାନିକ ସ୍ୱରାଜ ଦେଇପାରେ, କିନ୍ତୁ ଆମ ଦେଶ ଆଗରେ ଥିବା ଅଗଣିତ ସମସ୍ୟାର ଯଦି ଆମେ ସମାଧାନ କରିନପାରୁ ତା'ହେଲେ ସ୍ୱରାଜ କେବଳ ଏକ କଳ୍ପନାର ବିଷୟବସ୍ତୁ ହୋଇ ରହିଯିବ ବୋଲି ଗାନ୍ଧିଜୀ ଚେତାବନୀ

ଦେଇଥିଲେ । କିନ୍ତୁ କେତେକ ବ୍ୟକ୍ତି ନିଜର ଓ ସମାଜର ଗୁରୁତର କ୍ଷତି କରିଥାଏ । ପ୍ରକୃତ ଗଣତନ୍ତ୍ର କିମ୍ବା ସ୍ୱରାଜ ଅସତ୍ ଓ ହିଂସାତ୍ମକ ଉପାୟରେ ଆସେନାହିଁ । ପବିତ୍ର ଅହିଂସା ବଳରେ ପୂର୍ଣ୍ଣ ଓ ବ୍ୟକ୍ତିଗତ ସ୍ୱରାଜ ସମ୍ଭବପର । କର୍ତ୍ତବ୍ୟ ହିଁ ଅଧିକାରର ଜନକ । ତେଣୁ ସ୍ୱରାଜରେ ଲୋକେ ରାଷ୍ଟ୍ରଠାରୁ କେତେ ପାଇବେ ତାହାର ହିସାବ ନିକାଶ ନକରି ରାଷ୍ଟ୍ର ପାଇଁ କେତେ କାମ କରିଯିବେ ତାହା ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ । ଅହିଂସାକୁ ଅବଲମ୍ବନ କରି ଗଢ଼ା ଯାଉଥିବା ସ୍ୱରାଜରେ ଅଧିକାରଗତ ଜ୍ଞାନ ପରିବର୍ତ୍ତେ କର୍ତ୍ତବ୍ୟ ଜ୍ଞାନ ଜରୁରୀ । ଯେଉଁମାନେ ଦେଶ ମାତୃକାର ନିଷ୍କାମ ସେବା କରନ୍ତି, ସେମାନଙ୍କ ନିକଟରେ କର୍ତ୍ତବ୍ୟର ନ୍ୟାୟ ସଙ୍ଗତ ଅଧିକାର ସ୍ପଷ୍ଟ ହୋଇଉଠେ ଏବଂ ଏହି ଦେଶସେବୀମାନେ ନେବା ପରିବର୍ତ୍ତେ ସେବା ଓ ଭୋଗ ପରିବର୍ତ୍ତେ ତ୍ୟାଗ ଉପରେ ଅଧିକ ଧ୍ୟାନ ଦେଇଥାନ୍ତି । ସେମାନଙ୍କ ପାଇଁ ବାସ୍ତବରେ ସତ୍ୟ ହିଁ ଈଶ୍ୱର ଓ କର୍ମ ହିଁ ଉପାସନା । ବିନା ଶ୍ରମରେ ଖାଦ୍ୟ ଗ୍ରହଣ କରିବା ଓ ଆବଶ୍ୟକତାଠାରୁ ଅଧିକ ସମ୍ବଳ ଓ ସାମଗ୍ରୀ ରଖିବା ତ ଚୋରି ସହ ସମାନ । ମନେ ରଖିବାକୁ ହେବ ଯେ ଧରିତ୍ରୀ ମାତା ନିକଟରେ ଯେତେ ସମ୍ପଦ ରହିଛି ତାହା ସମସ୍ତଙ୍କ ଚାହିଦା ମେଣ୍ଟାଇବାକୁ ଯଥେଷ୍ଟ, କିନ୍ତୁ ଅଳ୍ପ କିଛି ଲୋକଙ୍କ ଲୋଭ ମେଣ୍ଟାଇବାକୁ ଏହା ପର୍ଯ୍ୟାପ୍ତ ନୁହେଁ । ଗାନ୍ଧିଜୀଙ୍କ ଏହି ଆପ୍ତବାଣୀ ଆଜି ବି ଅଧିକ ପ୍ରାସଙ୍ଗିକ ।

ଡାରୱିନଙ୍କ ମତ ଥିଲା, Survival of the fittest. ଅର୍ଥାତ ଜୋର ଯାର ମୁଲକ ତା'ର । ହକ୍ସଲେ କିନ୍ତୁ ଅନ୍ୟ ଏକ ମତ ଆଣିଲେ । ସେ କହିଲେ, Live and let live. ଅର୍ଥାତ ନିଜେ ବଞ୍ଚ ଓ ଅନ୍ୟକୁ ବଞ୍ଚାଅ ଗାନ୍ଧିଜୀ କିନ୍ତୁ ବିଶ୍ୱକୁ ଦେଲେ ସର୍ବୋଦୟ ମତ । ଏଥିରେ ସେ କହିଲେ 'Live in order to help others live.' ଅର୍ଥାତ ଅନ୍ୟକୁ ବଞ୍ଚିବା ପାଇଁ ସାହାଯ୍ୟ କରିବା ଲାଗି ନିଜେ ବଞ୍ଚ । ସାମଗ୍ରିକ ବିକାଶରେ ହିଁ ବ୍ୟକ୍ତିର ବିକାଶ ନିହିତ ବୋଲି ସେ ଜୋର ଦେଇ କହିଲେ । ଧର୍ମ, ଗୋଷ୍ଠୀ, ଶ୍ରେଣୀ, ଜାତି ଭିତରେ ବିଚାର ନ କରି ସମଗ୍ର ମାନବ ସମାଜର ସାମୂହିକ ବିକାଶ ସାଧନ ହେଉଛି ସର୍ବୋଦୟ ଏବଂ ଏହାର ମାଧ୍ୟମ ହେଉଛି ସତ୍ୟାଗ୍ରହ । ସତ୍ୟ ଅନୁସନ୍ଧାନର ଏହା ଏକ ଅବଦମିତ ପ୍ରଚେଷ୍ଟା । ସତ୍ୟକୁ ଖୋଜିବା ପାଇଁ ଯେଉଁ ସଂକଳ୍ପ ଆବଶ୍ୟକ ତାହା ହିଁ ସତ୍ୟାଗ୍ରହ । କେବଳ ସତ୍ୟ ଆଚରଣ ଫଳରେ ହିଁ ସତ୍ୟ ନିକଟରେ ପହଞ୍ଚିହେବ । ଶରୀର ଏବଂ ମନରେ ଏପରି କାର୍ଯ୍ୟ କରନାହିଁ ଯାହାଫଳରେ ଯାହା ଅସତ୍ୟ ଓ ହିଂସା ସୃଷ୍ଟି କରିବ । ସେ ପୁଣି କହିଲେ ସତ୍ୟ ହିଁ ଭଗବାନ ଓ ସତ୍ୟ ନିକଟରେ ପହଞ୍ଚିବାର ବାଟ ହେଉଛି ଅହିଂସା । ସତ୍ୟ ବଜ୍ରଠାରୁ କଠୋର ଓ ଲହୁଣୀଠାରୁ କୋମଳ ଏବଂ ଏହାର ଠିକଣା ପ୍ରୟୋଗ ହେଉଛି ସ୍ୱଦେଶୀ । ନିଜର ପରିବେଶ ଓ ପରିସ୍ଥିତିକୁ ବିଚାରକୁ ନେଇ ସ୍ୱଧର୍ମର ଖାଣ୍ଟି ପ୍ରୟୋଗ ହିଁ ସ୍ୱଦେଶୀ । ଏଥିପାଇଁ ଗାନ୍ଧିଜୀ ନିର୍ଭୀକତା ଉପରେ ଗୁରୁତ୍ୱ ଦେଉଥିଲେ । ତାଙ୍କ ମତରେ ନିର୍ଭୀକତା ଆଧ୍ୟାତ୍ମିକତାର ପ୍ରଥମ ଉପାଦାନ । ଭୀରୁମାନେ କେବେହେଲେ ନୀତିବାନ ହୋଇପାରିବେ ନାହିଁ । ଯେଉଁଠାରେ ଭୟ ଥାଏ ସେଠାରେ ଧର୍ମ ରହିପାରେ ନାହିଁ ବୋଲି ସେ କହିଆସିଛନ୍ତି । ନାଗରିକମାନଙ୍କ ନୈତିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିକାଶ ଉପରେ ଗାନ୍ଧିଜୀ ଗୁରୁତ୍ୱ ଦେଇ ମୌଳିକ ଶିକ୍ଷା ପ୍ରଚଳନ କରିଥିଲେ । ତାଙ୍କ ମତରେ ନାଗରିକମାନଙ୍କ ସମସ୍ତ ପ୍ରକାର ତ୍ୟାଗ ଭାବର ସମାହର ହେଉଛି ରାଷ୍ଟ୍ର । ଯେଉଁଠାରେ ତ୍ୟାଗର ଭାବ ନାହିଁ ସେଠାରେ ରାଷ୍ଟ୍ରର ସେବା ନିଶ୍ଚିତ ଭାବେ ବିପନ୍ନ ହେବ । ଏଥିପାଇଁ ଶାସନ କ୍ଷମତାର ଡୋରି ଧରୁଥିବା ବ୍ୟକ୍ତିମାନେ ନିଜକୁ ଶାସକ ନ ଭାବି ସେବକ ଭାବିବା ଆବଶ୍ୟକ । ଏହିଭଳି ଶାସକର ହିଁ କେବଳ ଲୋକଙ୍କୁ ଆଦେଶ ଦେବାର ଅଧିକାର ରହିଛି । ଗାଁର ବିକାଶରେ ଦେଶର ବିକାଶ କଥା ଗାନ୍ଧିଜୀ ବାରମ୍ବାର ଉଲ୍ଲେଖ କରୁଥିଲେ । ଯେତେବେଳେ ଗାଁଗୁଡ଼ିକରୁ ଦାରିଦ୍ର୍ୟ ଦୂର ହୋଇପାରିବ କେବଳ ସେତିକିବେଳେ ହିଁ ସ୍ୱରାଜ ପ୍ରତିଷ୍ଠିତ ହେବ । ଆମେ ନିଜକୁ ଠିକଣା ଭାବେ ଶାସନ କରି ଶିଖିଲେ ହିଁ ସ୍ୱରାଜ୍ୟ ସମୃଦ୍ଧ ହେବ । ଏହା ଆମ ହାତ ମୁଠାରେ ରହିଛି । ତେଣୁ ସ୍ୱରାଜକୁ ସ୍ୱପ୍ନ ଭଳି ନ ଭାବି ଗାନ୍ଧିଜୀ ଯେଉଁ ସ୍ୱରାଜର ଚିତ୍ର ଆଙ୍କିଥିଲେ ତାହାକୁ ଆମେ ଆମ ନିଜ ଜୀବନ ତଥା ରାଷ୍ଟ୍ର ଜୀବନରେ ପ୍ରତିଫଳିତ କରିବା ଆବଶ୍ୟକ ।

ଧନୀ ଦରିଦ୍ର ମଧ୍ୟରେ ତାରତମ୍ୟ ହ୍ରାସ ଉପରେ ବକ୍ତବ୍ୟ ରଖି ଗାନ୍ଧିଜୀ ଟ୍ରଷ୍ଟିସିପ ନାମରେ ଏକ ତତ୍ତ୍ୱ ଆମ ଆଗରେ ରଖିଛନ୍ତି । ଏଥିରେ ଧନ କୁବେରମାନେ ନିଜକୁ ଠୁଳ କରିଥିବା ଧନର ସର୍ବେସର୍ବା ନ ଭାବି ସମ୍ପତ୍ତିର ନ୍ୟାସି ବା ଟ୍ରଷ୍ଟି ବୋଲି ଭାବିବା ଆବଶ୍ୟକ । ଏହି ନ୍ୟାସ ଦରିଦ୍ରମାନଙ୍କ କାମରେ ଲାଗିବା ଉଚିତ । ଧନୀମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି ବିଚାର ନିଜ ଉପରେ ପ୍ରୟୋଗ କରିବା ଆବଶ୍ୟକ । ଯେଉଁମାନେ ଯେଉଁଭଳି ଅର୍ଥ ଓ କ୍ଷମତା ଅପହରଣ କରି ଚାଲୁଛନ୍ତି ତାହା ଜନସାଧାରଣଙ୍କ ଉନ୍ନତି କଳ୍ପେ ସ୍ୱେଚ୍ଛାକୃତ ଭାବେ ତ୍ୟାଗ ନ କଲେ ଯେକୌଣସି ଦିନ ଏକ ରକ୍ତାକ୍ତ ଓ ହିଂସାତ୍ମକ ବିପ୍ଳବ ହୋଇପାରେ । ଏହି ସମ୍ଭାବନା ଆଖି ଆଗରେ ରଖି ଟ୍ରଷ୍ଟିସିପ ତତ୍ତ୍ୱକୁ ସେମାନେ ଗ୍ରହଣ କରିବା ପାଇଁ ଗାନ୍ଧିଜୀ ବାରମ୍ବାର ନିବେଦନ କରିଛନ୍ତି । ଆମ ସ୍ୱରାଜରେ ଯେଉଁ ଗଣତନ୍ତ୍ର ପ୍ରତିଷ୍ଠିତ ହେଉଛି ସେଥିରେ କେବଳ ସଂଖ୍ୟାଗରିଷ୍ଠ ମତକୁ ଅନ୍ୟମାନଙ୍କ ଉପରେ ତାହା ଭୟଙ୍କର ସମସ୍ୟା ସୃଷ୍ଟି କରିବ ନାହିଁ । ତେଣୁ ପ୍ରକୃତ ସ୍ୱରାଜରେ ସ୍ୱଳ୍ପ ସଂଖ୍ୟକ ଲୋକଙ୍କ ମତକୁ ମଧ୍ୟ ଶାସନ ଡୋରି ଧରିଥିବା ନେତା ଓ ଅଧିକାରୀମାନେ ସମ୍ମାନ ଦେବା ଆବଶ୍ୟକ । ବାସ୍ତବରେ ସହନଶୀଳତା ଓ ବିରୋଧୀ ପକ୍ଷର ମତକୁ ସମ୍ମାନ ଦେବା ହେଉଛି ଗଣତନ୍ତ୍ରର ଭୂଷଣ । ଏହା ବିଦ୍ୱେଷ ପରିବର୍ତ୍ତେ ପ୍ରେମର ଧର୍ମ ଶିଖାଇଥାଏ । ହିଂସା ପରିବର୍ତ୍ତେ ଆତ୍ମ ବଳିଦାନର କଥା କୁହେ ଓ ପଶୁବଳର ସମ୍ମୁଖୀନ ହେବା ପାଇଁ ଆତ୍ମବଳକୁ ସୁଦୃଢ଼ କରେ ।

ସ୍ୱରାଜରେ ସଂସ୍କାରିତ ଶିକ୍ଷା ବ୍ୟବସ୍ଥା ଓ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ । ପ୍ରତ୍ୟେକ ଶିଶୁକୁ ରାଷ୍ଟ୍ର ସମ୍ପଦ ଭାବେ ଗ୍ରହଣ କରିବ । ମହିଳାମାନଙ୍କ ନିରାପତ୍ତା ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ସହିତ ରାଷ୍ଟ୍ର ମହିଳାଙ୍କୁ ମଧ୍ୟ ପୁରୁଷଙ୍କ ସମକକ୍ଷ କରିବ । ଅସ୍ପୃଶ୍ୟତା ସମ୍ପୂର୍ଣ୍ଣ ଭାବେ ନିବାରିତ ହେବ ଏବଂ ସାମ୍ପ୍ରଦାୟିକ ସଦ୍‌ଭାବ ଗଣତନ୍ତ୍ରକୁ ସୁଦୃଢ଼ କରିବ । ପ୍ରତି ସମର୍ଥ ହାତକୁ କାମ ମିଳିବ । ପରିବେଶ ସୁରକ୍ଷିତ ରହିବ । ଆର୍ଥିକ ଶୋଷଣ ସମ୍ପୂର୍ଣ୍ଣ ଭାବେ ଦୂର ହେବ । ମାତୃଭାଷା ଓ ରାଷ୍ଟ୍ରଭାଷାକୁ ଲୋକେ ପରିପୁଷ୍ଟ କରିବେ । ସ୍ୱରାଜର ସରକାର ଏଥିପାଇଁ ସୁଯୋଗ ସୃଷ୍ଟି କରିବ । ଫଳରେ ବୌଦ୍ଧିକତା ଓ ନୈତିକତାର ବିକାଶ ଘଟି ନାଗରିକମାନଙ୍କ ଆଧ୍ୟାତ୍ମିକ ମୂଳଦୁଆକୁ ସୁଦୃଢ଼ କରିବ ବୋଲି ଗାନ୍ଧିଜୀଙ୍କର ସ୍ପଷ୍ଟ ମତ ଥିଲା ।

ଭାରତବାସୀ ଯେଉଁ ସ୍ୱରାଜ ପାଇଁ ଲଢ଼ିଛନ୍ତି ସେଥିରେ ସେମାନଙ୍କ ସ୍ୱାଭିମାନ ଓ ସ୍ୱାବଲମ୍ବନ ଜଡ଼ିତ । ତେଣୁ ରାଷ୍ଟ୍ରକୁ ସମୃଦ୍ଧ କରିବା ପାଇଁ ସ୍ୱରାଜର ସ୍ୱତନ୍ତ୍ର ସ୍ୱଦେଶୀ ବାଣିଜ୍ୟ ନୀତି ରହିବ ଯେଉଁଠି କଞ୍ଚାମାଲ ପରିବର୍ତ୍ତେ ଆମ ଦେଶରେ ତିଆରି ସାମଗ୍ରୀ ଅଧିକ ପରିମାଣରେ ବିଦେଶକୁ ରପ୍ତାନି ହେବ ଏବଂ ନିହାତି ଆବଶ୍ୟକ ଥିବା ଜରୁରୀ ସାମଗ୍ରୀ କେବଳ କମ୍ ପରିମାଣରରେ ବିଦେଶରୁ ଆମଦାନୀ କରାଯିବ । ରପ୍ତାନି ଅପେକ୍ଷା ଆମଦାନୀ ଅଧିକ ହେଲେ ଦେଶରେ ଶ୍ରମ ସଂକଟ ସୃଷ୍ଟି ହେବା ସହିତ ଆର୍ଥିକ ଓ ଅନ୍ୟାନ୍ୟ ବିଶୃଙ୍ଖଳା ବଢ଼ିବ ଏବଂ ଦେଶ ଋଣଗ୍ରସ୍ତ ହୋଇ ପୁଣି ବିଦେଶୀ ଯନ୍ତାରେ ପଡ଼ିବ । ପାଶ୍ଚାତ୍ୟ ପଦ୍ଧତିର କୌଣସି ବିକଶିତ ପ୍ରାମାଣିକ ଜ୍ଞାନକୁ ଧାର ସୂତ୍ରରେ ଆଣିବା ଲାଗି ତାଙ୍କର ସାମାନ୍ୟ ଲଜ୍ଜା ନାହିଁ, କିନ୍ତୁ ଏହାକୁ ପ୍ରାପ୍ୟ କଳନ୍ତର ଦେଇ ଆମକୁ ପରିଶୋଧ କରିବାକୁ ପଡ଼ିବ ବୋଲି ଗାନ୍ଧିଜୀ ବାରମ୍ବାର ଚେତାଇ ଆସିଛନ୍ତି । ସେହିଭଳି ନିର୍ବାଚିତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ଓ ରଚନାତ୍ମକ କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତେ ସେବା ମନ୍ତ୍ରରେ ଅଭିମନ୍ତ୍ରିତ ହେବା ସହିତ ରାଜକୋଷର ସୁରକ୍ଷା ଓ ରାଷ୍ଟ୍ରର ମଙ୍ଗଳ ପାଇଁ ସେମାନଙ୍କ ସବୁ ଶକ୍ତି ଖଟାଇବା ଆବଶ୍ୟକ । ସଂଶୟ ଦୂର ପାଇଁ ଏ ପରିପ୍ରେକ୍ଷୀରେ ଗାନ୍ଧିଜୀ ଆମକୁ ଦେଇଯାଇଛନ୍ତି ଏକ ତାରକ ମନ୍ତ୍ର । ଏଥିରେ ସେ ଉଲ୍ଲେଖ କରିଛନ୍ତି, 'ଆପଣ ଯେତେବେଳେ ସନ୍ଦେହରେ ପଡ଼ିଛନ୍ତି ବା ନିଜ କଥା ଆପଣଙ୍କୁ ବେଶୀ ଘାରୁଛି ସେତେବେଳେ ନିମ୍ନ କଥାଟିକୁ ପ୍ରୟୋଗ କରନ୍ତୁ । ଆପଣ ଯେଉଁ ଦରିଦ୍ରତମ ଓ ଦୁର୍ବଳତମ ଲୋକକୁ କେବେ ଦେଖିଥିବେ, ତାହାରି ଚେହେରାକୁ ମନେ ପକାଇ ନିଜକୁ ପଚାରନ୍ତୁ ଯେ ଆପଣ ଯାହା କରିବାକୁ

ଯାଉଛନ୍ତି ତାହା ସେହି ଲୋକଟିର କିଛି ଉପକାର କରିବ କି ? ଆପଣଙ୍କ କାର୍ଯ୍ୟ ଦ୍ୱାରା ତାହାର କିଛି ଲାଭ ହେବ କି ? ତା'ର ଜୀବନ ଓ ଭାଗ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଆପଣଙ୍କ କାମ ତାକୁ କିଛି ବଳ ଦେଇପାରିବ କି ? ଅର୍ଥାତ୍ ଆପଣଙ୍କ କାମ ଦେଶର ଅଗଣିତ ଭୋକିଲା ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଅଧଃପତିତ ଲୋକଙ୍କ ପାଇଁ ସ୍ୱରାଜ୍ୟ ପ୍ରତିଷ୍ଠା ଦିଗରେ ସାହାଯ୍ୟ କରିବ କି ? ସେତେବଳେ ଆପଣ ଦେଖିବେ ଯେ ଆପଣଙ୍କର ସନ୍ଦେହ ଓ ସ୍ୱାର୍ଥ ଭାବନା କୁଆଡ଼େ ଉଭେଇ ଗଲାଣି ।' ସେମାନେ ସବୁବେଳେ ମନେ ରଖିବା ଆବଶ୍ୟକ ଯେ ଏହି ଦରିଦ୍ରତମ ଲୋକର ସେବକ ଭାବେ ସେମାନଙ୍କୁ ପାରିଶ୍ରମିକ ଓ ଭତ୍ତା ମିଳୁଛି । ତେଣୁ ଯେଉଁ ରାଜକୋଷରେ ଏହି ଦରିଦ୍ରତମ ଲୋକର ଯୋଗଦାନ ରହିଛି ତାହାର ନିଷ୍ଠାପର ପରିଚାଳନା, ସୁରକ୍ଷା ଓ ସମୃଦ୍ଧି କରିବା ସେମାନଙ୍କର ପରମ କର୍ତ୍ତବ୍ୟ ।

'ମୁଁ ସେହି ଭାରତ ପାଇଁ କାମ କରୁଛି ଯେଉଁଠି ସର୍ବହରା ଲୋକଙ୍କର ଆତ୍ମବିଶ୍ୱାସ ରହିବ ଯେ ଏହା ହେଉଛି ସେମାନଙ୍କ ଦେଶ, ଯାହାର ଗଠନ ପାଇଁ ସେମାନଙ୍କର ଯଥେଷ୍ଟ ଦାୟିତ୍ୱ ରହିଛି । ମୋ ସ୍ୱପ୍ନର ସ୍ୱରାଜରେ ଉଚ୍ଚନୀଚ ଭେଦଭାବ ରହିବ ନାହିଁ– ଅର୍ଥାତ୍ ଏଠି ସମସ୍ତଙ୍କର ଜୀବିକା ନିର୍ବାହର ବୈଷମ୍ୟ ଦୂରେଇ ଯିବ, ସାମ୍ପ୍ରଦାୟିକତା ଓ ଅସ୍ପୃଶ୍ୟତା ବୋଲି କିଛି ନଥିବ, ନିଶା ସମ୍ପୂର୍ଣ୍ଣ ନିବାରିତ ହେବ, ମହିଳାମାନେ ପୂର୍ଣ୍ଣ ସ୍ୱାଧୀନତା ପାଇବେ, ଦୁନିଆ ଲୋକଙ୍କ ସହିତ ଆମେ ଶାନ୍ତିରେ ରହିବୁ, ପୀଡ଼କ–ପୀଡ଼ିତ ନଥିବେ, ବିଦେଶୀ ଓ ସ୍ୱଦେଶୀ ମଧ୍ୟରେ ଭିନ୍ନତା ରହିବ ନାହିଁ, ସତ୍‌କାର୍ଯ୍ୟ କରିବାକୁ ଉତ୍ସାହ ମିଳିବ, ଗୋଷ୍ଠୀଗତ ବୈଷମ୍ୟ ଅପସରି ଯିବ । ଏହା ହିଁ ହେବ ମୋ ସ୍ୱପ୍ନର ଭାରତ'– ମହାତ୍ମା ଗାନ୍ଧୀଙ୍କ ଏହି ଦିବ୍ୟ ତଥା ଦୂରଦର୍ଶୀ ବାଣୀ ସ୍ୱାଧୀନ ଭାରତରେ କେତେଦୂର ରୂପାୟିତ ହୋଇଛି ତାହା ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ପ୍ରତ୍ୟେକ ଭାରତୀୟ ସମୀକ୍ଷା କରିବା ଆବଶ୍ୟକ । ଯେଉଁ କ୍ଷେତ୍ରରେ ଆମର ତ୍ରୁଟିବିଚ୍ୟୁତି ରହିଯାଇଛି ତାହାକୁ ସୁଧାରି ନେବା ହେଉଛି ଆମର ପରମ କର୍ତ୍ତବ୍ୟ । ସ୍ୱାଧୀନତା ପ୍ରାପ୍ତିର ୬ ମାସ ପୂରିବା ପୂର୍ବରୁ ଏକ ବିକୃତ ବିଚାରର କୁତ୍ସିତ ଷଡ଼ଯନ୍ତ୍ରରେ ୧୯୪୮ ଜାନୁଆରୀ ୩୦ ତାରିଖରେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଗଲା । ଗାନ୍ଧୀ ହତ୍ୟାକାରୀ ତିନୋଟି ଗୁଳି ମାରିଥିଲା । ଏ ପରିପ୍ରେକ୍ଷୀରେ ଆମ ରାଜ୍ୟ, ଦେଶ ତଥା ବିଶ୍ୱ ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଥିବା ଅବସରରେ ଅମର ଗାନ୍ଧୀ ଦର୍ଶନର ପ୍ରଚାର, ପ୍ରସାର ଓ ପ୍ରୟୋଗ ପାଇଁ ଏକ ବଡ଼ ସୁଯୋଗ ଆସିଛି । ଏଥିପାଇଁ କିଛି ସମର୍ପିତ ଓ ସଙ୍କଳ୍ପବଦ୍ଧ ସତ୍ୟାଗ୍ରହୀ ଲୋଡ଼ା । ଗାନ୍ଧିଜୀଙ୍କ ଭାଷାରେ, 'ମୁଷ୍ଟିମେୟ କେତେଜଣ ସଙ୍କଳ୍ପବଦ୍ଧ ସାଧକ ଯଦି ସେମାନଙ୍କର ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖନ୍ତି, ତା'ହେଲେ ସେମାନେ ଇତିହାସର ମୋଡ଼ ବଦଳାଇ ଦେଇପାରିବେ ।'

ପ୍ଲଟ୍ ନଂ – ଜି.ଏ.୨୨୯
ନୀଳାଦ୍ରି ବିହାର, ବୁଦ୍ଧପାର୍କ ପାଖ
ଭୁବନେଶ୍ୱର–୭୫୧୦୨୧

❖ ❖ ❖